# Akashvani, Sambalpur

# SAMBALPURI NEWS MORNING BULLETIN

# 15 May 2026 - 6.47- 6.52 am.

---

ଆଇନ୍ ଶୃଙ୍ଖଳା ପରିସ୍ଥିତି ସମୀକ୍ଷା ଆର୍‌ଏନ୍‌ୟୁ/ ସମ୍ବଲପୁର

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଗଲାକାଏଲ୍ ଫେର୍‌ଘାଏ ରାଜ୍ୟର୍ ଆଇନ୍ ଶୃଙ୍ଖଳା ପରିସ୍ଥିତିକେ ନେଇକରି ସମୀକ୍ଷା କରିଛନ୍ । ଭୁବ୍‌ନେଶ୍ୱର୍ ନ ହେଇଥିବା ବୈଠକ୍‌ଥି ମୁଖ୍ୟଶାସନ୍ ସଚିବ, ପୁଲିସ୍ ମହାନିର୍ଦ୍ଦେଶକ୍, ବରିଷ୍ଠ ଅଧିକାରୀ, ଭିନ୍ ଭିନ୍ ଜିଲ୍ଲାର୍ ଜିଲ୍ଲାପାଲ୍ ଆଉ ଆରକ୍ଷୀ ଅଧିକ୍ଷକ୍‌ମାନେ ଇଥି ଯୋଗ୍ ଦେଇଥିଲେ । ରାଜ୍ୟ ପୁଲିସ୍ ଏନ୍ତା ପଦକ୍ଷେପ୍ ନଉ, ଯେନ୍‌ଥିର୍‌ଲାଗି ପୁଲିସ୍ ସାଧାରଣ୍ ଲୁକଙ୍କର୍ ବିଶ୍ୱାସ୍ ଭାଜନ୍ ହେବାର୍ ସହେତେ ଅପରାଧୀମାନ୍‌କର୍ ଭିତ୍‌ରେ ଡର୍ ସୃଷ୍ଟି ହେବା ବଲି ମୁଖ୍ୟମନ୍ତ୍ରୀ କହିଛନ୍ । ରାଏଜେ ଯେନ୍ ହିସାବେ ନକ୍ସଲ୍ ଅପରାଧ୍‌କେ ଦମନ୍ କରାଯାଇଛେ, ସେନ୍ତା ବାଲି ମାଫିଆମାନ୍‌କୁ ପୁରାପୁରି ଭାବେ ଦମନ୍ କର୍‌ବାର୍‌କେ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ୍ ଦେଇଛନ୍ । ଜିଲ୍ଲାସ୍ତର୍ ନ

ପ୍ରଶାସନିକ ଅଧିକାରୀ ଆଉ ପୁଲିସ୍ ଅଧିକାରୀମାନେ ମିଳିତ୍ ଭାବେ ଗୁଟେ ଟିମ୍ ହିସାବେ କାମ୍ କର୍‌ବାର୍‌କେ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ । ଜିଲ୍ଲାସ୍ତର୍ ନ ନିୟମିତ୍ ଭାବେ  ଆଇନ୍ ଶୃଙ୍ଖଳା ପରିସ୍ଥିତିର୍ ସମୀକ୍ଷା କରିକରି ପୁଲିସ୍ ମହାନିର୍ଦ୍ଦେଶକ୍, ମୁଖ୍ୟ ଶାସନ୍ ସଚିବ ଆଉ ଗୃହ ବିଭାଗ୍ ଅତିରିକ୍ତ ମୁଖ୍ୟ ଶାସନ୍ ସଚିବଙ୍କୁ ରିପୋର୍ଟ ଦେବାର୍‌କେ  ମୁଖ୍ୟମନ୍ତ୍ରୀ ସବୁ ଜିଲ୍ଲାପାଳ୍, ଆରକ୍ଷୀ ଅଧିକ୍ଷକ୍ ମାନ୍‌କୁ ପରାମର୍ଶ ଦେଇଛନ୍ ।

ଷ୍ଟାମ୍ପ୍ ଓଡ଼ିଶା ସଂଶୋଧନ୍ ଅଧ୍ୟାଦେଶ      ଆଇ ଆଣ୍ଡ୍ ପି.ଆର୍

ଆପାର୍ଟମେଂଟ୍ ପଞ୍ଜିକରଣ୍ ପ୍ରକ୍ରିୟାକେ ସରଲ୍ କର୍‌ବାର୍ ଲାଗି ରାଜ୍ୟ ସର୍‌କାର୍ ଷ୍ଟାମ୍ପ୍ ଓଡ଼ିଶା ସଂଶୋଧନ୍ ଅଧ୍ୟାଦେଶ୍ ଜାରି କରିଛନ୍ । ଏତ୍‌କର ଆପାର୍ଟମେଂଟ୍‌ର ସାଧାରଣ୍ କ୍ଷେତ୍ର ଆଉ ସୁବିଧା ପଞ୍ଜିକରଣ୍ ଲାଗି ଆବଂଟିତ ବ୍ୟକ୍ତି ମାନ୍‌କର୍ ସଂଘକେ ମାତରକ ୫୦ ହଜାର୍ ଟଙ୍କା ଷ୍ଟାମ୍ପ ଦେୟଦେବାର୍‌କେ ପଡ଼୍‌ବା । ଆଘୋନୁ ଇଥିର୍‌ଲାଗି ୫ ପ୍ରତିଶତ୍ ଷ୍ଟାମ୍ପ୍ ଦେୟ ଦେବାର୍‌କେ ପଡୁଥିଲା । ଯେନ୍‌ଟା ଆର୍ଥିକ୍ ବୋଝ ସୃଷ୍ଟି କରୁଥିଲା । ବ୍ୟକ୍ତିଗତ

ଆପାର୍ଟମେଂଟ୍ ୟୁନିଟ୍ ବିକ୍ରି ସମିଆଥି ସାଧାରଣ୍ କ୍ଷେତ୍ର ଅବିଭକ୍ତ ଅଂଶ ଉପ୍‌ରେ ଖାଲି ୫ ପ୍ରତିଶତ୍ ଷ୍ଟାମ୍ପ୍ ଡ୍ୟୁଟି ଆଦାୟ ହେବା । ଆଘୋନୁ ଥିବା ୩ ପ୍ରତିଶତ୍, ୪ ପ୍ରତିଶତ୍ ଆଉ ୫ ପ୍ରତିଶତ୍ ସ୍ଲାବ୍ ବଦ୍‌ଲେ ଇହାଦେ ଖାଲି ୫ ପ୍ରତିଶତ୍ ଦର୍ ଲାଗୁ ହେବା ।

ଓଡ଼ିଶା ହସ୍ତଶିଳ୍ପୀ ଚିଠା ନୀତି ଆଇ ଆଣ୍ଡ୍ ପି.ଆର୍

ଓଡ଼ିଶା ହସ୍ତଶିଳ୍ପ ଚିଠା ନୀତି-୨୦୨୬ ପରାମର୍ଶଦାତା କର୍ମଶାଳା ଗଲାକାଏଲ୍ ଭୁବ୍‌ନେଶ୍ୱର୍ ନ ହେଇଯାଇଛେ । ହସ୍ତତନ୍ତ ଆଉ ହସ୍ତଶିଳ୍ପମନ୍ତ୍ରୀ ପ୍ରଦୀପ୍ ବଳସାମନ୍ତ କାର୍ଯ୍ୟକ୍ରମ୍‌ର ଶୁଭାରମ୍ଭ କରିକରି କହିଛନ୍, ହସ୍ତଶିଳ୍ପ ଓଡ଼ିଶାର୍ ସଂସ୍କୃତି ଆଉ ଅସ୍ମିତାର୍ ପ୍ରତୀକ ଆଏ । ହସ୍ତଶିଳ୍ପୀମାନ୍‌କର୍ କଲ୍ୟାଣ୍ ସହେତେ ହସ୍ତିଶିଳ୍ପର୍ ସୁରକ୍ଷା ଆଉ ପ୍ରସାର୍ ଲାଗି ଇ ଚିଠା ନୀତି ତିଆର୍ କରାଯାଇଛେ ବଲି ମନ୍ତ୍ରୀ କହିଛନ୍ । ବଜାର୍ ସୁବିଧା, କଂଚାମାଲ୍ ଯୋଗାଣ୍, ଡିଜିଟାଲ୍ ମାର୍କେଟିଂ, ଜି.ଆଇ. ଟେଗ୍ ଦରବ୍‌କେ ତହଁକାବାର୍, ଷ୍ଟାର୍ଟଅପ୍, ଇନ୍‌କ୍ୟୁବେସନ୍ ବାଗିର୍ ବିଷେ ଉପ୍‌ରେ ବୈଠକ୍‌ଥି ଆଲୋଚନା ହେଇଛେ । ବିକଶିତ୍ ଓଡ଼ିଶା ୨୦୩୬ ଓଡ଼ିଶା ଭିଜନ୍ ଡକ୍ୟୁମେଂଟ୍

ଲକ୍ଷ୍ୟ ହାସଲ୍ କର୍‌ବାର୍ ଲାଗି ନୀତି ତିଆର୍ କରାଯାଇଛେ ବଲି ବିଭାଗୀୟ ସଚିବ ସୂଚ୍‌ନା ଦେଇଛନ୍ ।

ତେଲ୍ ସଂକଟ୍          ଆର୍‌ଏନ୍‌ୟୁ/ କଟକ୍

ରାଏଜେ ଇହାଦେ ବିଲ୍‌କୁଲ୍ ତେଲ୍ ସଂକଟ୍ ନାଇଁନ । ହେଥିର୍‌ଲାଗି ଲୋକ୍‌ମାନେ ଡରିକରି ତେଲ୍ ନାଇଁ ଘିନ୍‌ବାର୍‌କେ ଯୋଗାଣ୍ ବିଭାଗ୍ ପ୍ରମୁଖ ସଚିବ ସଞ୍ଜୟ କୁମାର୍ ସିଂ ପରାମର୍ଶ ଦେଇଛନ୍ । ୨୨ ଟା ପେଟ୍ରୋଲ୍ ଟାଙ୍କି ନ ତେଲ୍ ନାଇଁଥିବାର୍ ଅଭିଯୋଗ୍ ହେବାର୍‌ନୁ ଶ୍ରୀ ସିଂ କହିଛନ୍, ସ୍ୱାଭାବିକ୍ ସ୍ଥିତି ଭିତ୍‌ରେ ପରିଚାଳନାଗତ ତ୍ରୁଟି ଲାଗି ଏନ୍ତା ପରିସ୍ଥିତି ଦେଖାଦେସି । ରାଏଜେ ଥିବା ୨ ହଜାର୍ ୮ ଶହ ଟା ତେଲ୍ ଟାଙ୍କି ନ ସ୍ୱାଭାବିକ୍ ଭାବେ ତେଲ୍ ବିକ୍ରି ହେଉଥିବା ସେ କହିଛନ୍ ।

ଓଏଭି ୧୨ ରିଜଲ୍ଟ          ଆଇ ଆଣ୍ଡ୍ ପି.ଆର୍

କେନ୍ଦ୍ରୀୟ ମାଧ୍ୟମିକ୍ ଶିକ୍ଷା ପରିଷଦ୍ ଦ୍ୱାଦଶ ଶ୍ରେଣୀ ବୋର୍ଡ଼ ପରୀକ୍ଷାଥି ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଛାତ୍ରଛାତ୍ରୀମାନେ ଭଲ୍

ପ୍ରଦର୍ଶନ୍ କରିଛନ୍ । ବିଜ୍ଞାନ୍‌ଥି ୪ ହଜାର୍ ୭ ଶହ ୨୧ ଝନ୍ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବାର୍ ବେଲେ ପାସ୍ ହାର ୭୩ ଦଶ୍‌ମିକ୍ ୫ ପ୍ରତିଶତ୍ ରହିଛେ । ଶହେ ୧୨ ଝନ୍ ୯୦ ପ୍ରତିଶତ୍‌ନୁ ଅଏତ୍‌କା ମାର୍କ ରଖିଛନ୍ । ବର୍‌ଗଡ୍‌ର ପିୟୁସ୍ ରଞ୍ଜନ୍ ସ୍ୱାଇଁ ଆଉ ବୌଦ୍ଧର ଶକ୍ତି ବନ୍ଦନ୍ ସ୍ୱାଇଁ ୯୭ ଦଶ୍‌ମିକ୍ ୨ ପ୍ରତିଶତ୍ ମାର୍କ ରଖିଛନ୍ । ସେନ୍ତା ବାଣିଜ୍ୟଥି ୪ ଶହ ୨୩ ଝନ୍ ଛାତ୍ରଛାତ୍ରୀଙ୍କର୍ ଭିତ୍‌ରୁ ପାସ୍ ହାର ୮୮ ଦଶ୍‌ମିକ୍ ୯ ପ୍ରତିଶତ୍‌କେ ବଢ଼ିଛେ । ୧୪ ଝନ୍ ୯୦ ପ୍ରତିଶତ୍‌ନୁ ଅଏତ୍‌କା ମାର୍କ ରଖିଛନ୍ । ବିଦ୍ୟାଳୟ ସଂଗଠନ୍ ଛାତ୍ରଛାତ୍ରୀ, ଶିକ୍ଷକ୍ ଆଉ ଅଭିଭାବକ୍ ମାନ୍‌କୁ ଇଥିର୍‌ଲାଗି ଶୁଭେଚ୍ଛା ଜନେଇଛନ୍ ।

ସାହିତ୍ୟ ବହି-ତ୍ରୁଟି ଆଇ ଆଣ୍ଡ୍ ପି.ଆର୍

ରାଜ୍ୟ ସର୍‌କାର୍ ୭ ଶ୍ରେଣୀ ଓଡ଼ିଆ ବହିଥି ଶହୀଦ୍ ମାଧୋ ସିଂଙ୍କର୍ ଅଧ୍ୟାୟଥି ଛପା ଭୁଲ୍‌କେ ତୁରନ୍ତ୍ ସଂଶୋଧନ୍ କର୍‌ବାର୍‌କେ ନିର୍ଦ୍ଦେଶ୍ ଦେଇଛନ୍ । ମୁଖ୍ୟମନ୍ତ୍ରୀଙ୍କର୍ ନିର୍ଦ୍ଦେଶ୍ ଅନ୍‌ସାରେ ବିଦ୍ୟାଳୟ ଆଉ ଗଣଶିକ୍ଷା ବିଭାଗ୍- ସବୁ ଶିକ୍ଷକ୍ ଆଉ ଜିଲ୍ଲା ଆଉ ବ୍ଲକ୍ ଶିକ୍ଷା

ଅଧିକାରୀମାନ୍‌କୁ ସଠିକ୍ ତଥ୍ୟ ଛୁଆମାନ୍‌କୁ ପଢ଼ାବାର୍ ଲାଗି କହିଛେ । ଏସ୍.ସି.ଇ.ଆର୍.ଟି., ଉତ୍କଳ ବିଶ୍ୱବିଦ୍ୟାଳୟ ଇତିହାସ୍ ବିଭାଗ୍- ଓଡ଼ିଆ ଭାଷା ସାହିତ୍ୟ ସଂସ୍କୃତି ବିଭାଗ୍‌କେ ଇ ବାବ୍‌ଦେ ଦର୍‌କାରୀ ପଦକ୍ଷେପ୍ ନେବାର୍‌କେ ଗଣଶିକ୍ଷା ମନ୍ତ୍ରୀ ନିର୍ଦ୍ଦେଶ୍ ଦେଇଛନ୍ । ଶହୀଦ୍ କୁଞ୍ଜଲ୍ ସିଂ କ୍ଲବ୍ ଆଉ ସ୍ଥାନୀୟ ବିଧାୟକ୍ ଇରାସିସ୍ ଆଚାର୍ଯ୍ୟଙ୍କର୍ ଅନୁରୋଧ୍‌ଥି ଇ ପଦକ୍ଷେପ୍ ନିଆଯାଇଛେ ।

ଅନ୍ତର୍ଜାତୀୟ ପରିବାର୍ ଦିବସ୍ ଆର୍‌ଏନ୍‌ୟୁ / ସମ୍ବଲପୁର

ପରିବାର୍‌ର ଗୁରୁତ୍ୱ ଆଉ ସୁସ୍ଥ ସମାଜ୍ ଗଠନ୍ ଦିଗେ ପରିବାର୍‌ର ଭୂମିକା ବାବ୍‌ଦେ ସମ୍‌କୁ ଜନାବାର୍ ଲାଗି ଆଏଜ୍ ପାଲନ୍ ହେଉଛେ ଅନ୍ତର୍ଜାତୀୟ ପରିବାର୍ ଦିବସ୍ । ସମାଜ୍‌ର ସବୁ ଲୁକ୍‌କର୍ ଜୀବନ୍‌ଥି ପରିବାର୍ ବଡ଼୍‌ଟେ ଭୂମିକା ନେଇଥିସି । ଛୁଆନୁ ବୟସ୍କତକ୍ ସମ୍‌କର୍ ଭିତ୍‌ରେ ଗୁହେର୍ ସମ୍ପର୍କର୍ ପ୍ରତିଫଳନ୍ ହେଉଛେ ପରିବାର୍ । ଇ ଭାବ୍‌ନାକେ ବଂଚେଇକରି ରଖିବାର୍ ଲାଗି ମିଲିତ୍ ଜାତିସଂଘର୍ ଗୁଟେ ପ୍ରସ୍ତାବ୍ ଅନ୍‌ସାରେ ୧୯୯୪ ମସିହାନୁ ସାରା ପୁର୍‌ଥି ନ ମେ

୧୫ ତାରିଖ୍‌କେ ଅନ୍ତର୍ଜାତୀୟ ପରିବାର୍ ଦିବସ୍ ଭାବେ ପାଲନ୍ କରାଯାଉଛେ । ଇ ବଛ୍‌ରର୍ ପରିବାର୍ ଦିବସ୍ ବାର୍ତା ରଖାଯାଇଛେ 'ପରିବାର୍, ଅସାମନତା ଆଉ ଶିଶୁକଲ୍ୟାଣ୍' ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ଦକ୍ଷିଣ ପର୍ଶ୍ଚିମ ବଙ୍ଗୋପ୍‌ସାଗର୍ ନ ହେଇଥିବା ଲଘୁଚାପ୍ ଘନୀଭୂତ୍ ହେଇଛେ । ପାଣିପାଗ୍ ବିଭାଗ୍‌ର ସୂଚ୍‌ନା ଅନ୍‌ସାରେ ମୌସୁମୀ ଆଏବକାଏଲ୍‌ତକ୍ ଦକ୍ଷିଣ୍ ବଙ୍ଗୋପ୍‌ସାଗର୍ ଆଉ ଆଣ୍ଡାମାନ୍ ସାଗର୍ ସହେତେ ଆଣ୍ଡାମାନ୍ ନିକୋବର୍ ଦ୍ୱୀପପୁଞ୍ଜର୍ କିଛି ଇଲାକାକେ ପ୍ରବେଶ୍ କର୍‌ବାର୍ ସମ୍ଭାବନା ଅଛେ । ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ରର୍ ସୂଚ୍‌ନା ଅନ୍‌ସାରେ କାଲ୍‌ବୈଶାଖୀର୍ ବଲେ ହେଇଥିବା ବର୍ଷାର୍ ଲାଗି ରାଜ୍ୟର୍ ତାପମାତ୍ରା କମିଛେ । ଆଏବା ୨୪ ଘଂଟା ଭିତ୍‌ରେ ଚଡ଼କ୍ ମାରିକରି ବର୍ଷା ହେବା ବଲି ରାଜ୍ୟର୍ କେତେଟା ଜିଲ୍ଲାକେ ପାଣିପାଗ୍ କେନ୍ଦ୍ର ତରଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ ।